# ଜଳବାୟୁ ପରିବର୍ତ୍ତନ ଓ ନାରୀ

ଗଣମାଧ୍ୟମରେ ପ୍ରକାଶ ପାଇଆସିଛି ଯେ ଉଭୟ ଫେବୃଆରୀ ଓ ମାର୍ଚ୍ଚ ୨୦୨୫ ଦୁଇଟି ମାସ ଗତ ୧୨୫ବର୍ଷର ରେକର୍ଡ଼ ଭାଙ୍ଗି ଅଧିକ ଉତ୍ତପ୍ତ ମାସ ହିସାବରେ ଦୃଷ୍ଟି ଆକର୍ଷଣ କରିଛି। ଏଭଳି ଏକ ସ୍ଥିତି ଜଳବାୟୁ ପରିବର୍ତ୍ତନର ଏକ ବଳିଷ୍ଠ ଲକ୍ଷଣ ଏବଂ ଏହା ନୂଆ ବିପଦର ଆଶଙ୍କା ପ୍ରତି ଇଙ୍ଗିତ କରୁଛି। ଏମିତିରେ ତ ସଂଯୁକ୍ତ ରାଷ୍ଟ୍ରର ବିଭିନ୍ନ ସଂସ୍ଥାମାନେ ପୃଥକ ପୃଥକ ରିପୋର୍ଟମାନଙ୍କରେ କହିସାରିଲେଣି ଯେ ଅନୁନ୍ନତ ଓ ବିକାଶଶୀଳ ଦେଶମାନଙ୍କର ପଛୁଆବର୍ଗ ତଥା ଗରିବ ଶ୍ରେଣୀର ଲୋକମାନେ ଜଳବାୟୁ ପରିବର୍ତ୍ତନ ଦ୍ଵାରା ସୃଷ୍ଟି ହେଉଥିବା ବିଭୀଷିକାର ପ୍ରଥମ ଶିକାର ହେବେ। କିନ୍ତୁ ଭାରତର ଘୃଣ୍ୟ ଜାତିବାଦ ଓ ପୁରୁଷତାନ୍ତ୍ରିକ ପତିଆରାର ସଂସ୍କୃତିକୁ ଦେଖି ଆସିଥିବା ମଣିଷମାନେ ଠିକ୍ ବୁଝି ପାରୁଥିବେ ଯେ ଜଳବାୟୁ ପରିବର୍ତ୍ତନର ପ୍ରକୋପକୁ ବେଶୀ ସାମ୍ନା କରିବେ ସେହି ଦରିଦ୍ର ବା ପଛୁଆ ଶ୍ରେଣୀର ମହିଳା ମାନେ। ତୁହାକୁ ତୁହା ମରୁଡ଼ି ପଡ଼ିବା, ଅଦିନିଆ ବର୍ଷା ଓ ଝଡ଼ତୋଫାନ୍ ଆସିବା, ନଦୀ ଶୁଖିଯିବା, ଭୂତଳ ଜଳ ହ୍ରାସ ପାଇବା, ଗାଡ଼ିଆ ପୋଖରୀ ଶୁଖିଯିବା, କୂଅ ଶୁଖିଯାଇ ପିଇବା ପାଣି ନମିଳିବା ଇତ୍ୟାଦି କାରଣ ଯୋଗୁଁ କେବଳ ଯେ ଶସ୍ୟହାନି ହେବନାହିଁ, ବରଂ ସବୁପ୍ରକାର ଜୀବିକା ଓ ସୁବିଧାରେ ବଞ୍ଚିବା ଆଦୌ ସମ୍ଭବ ହେବ ନାହିଁ। ସବୁଠାରୁ ଅଧିକ ଯନ୍ତ୍ରଣା ଓ ଯାତନାର ଶିକାର ହେବେ ଏହି ପରିବାରମାନଙ୍କର ମେରୁଦଣ୍ଡ ସାଜିଆସିଥିବା ପରିଶ୍ରମୀ ମହିଳାମାନେ। ଏଠି ସ୍ମରଣ କରାଯାଇ ପାରେ ଯେ ଆମ ସମ୍ବିଧାନରେ ଅନେକ ସୁରକ୍ଷାର, ସମ୍ମାନର ସହ ବଞ୍ଚିବାର ପ୍ରାବଧାନ ଥିବା ସତ୍ତ୍ୱେ ଆମ ଦେଶର ଏହି ଶ୍ରେଣୀର ମହିଳାମାନେ ଏବେ ବି ଅନ୍ୟାୟ ଓ ଅତ୍ୟାଚାରର ଅନୁଭୂତି ନେଇ ବଞ୍ଚି ଆସିଛନ୍ତି। ଯଦି ନୂଆ କିଛି ବିପଦ ଆସେ ତେବେ ସେମାଙ୍କର ପୂର୍ବରୁ ଥିବା ବିପନ୍ନ ସ୍ଥିତିଟି ଅଧିକ ସଙ୍କଟ ଭିତରକୁ ଠେଲି ହୋଇଯିବ।

ମଧ୍ୟବିତ୍ତ ଶ୍ରେଣୀର ମହିଳା ଏବଂ ଶ୍ରମଜୀବୀ ମହିଳାମାନେ ସମାନ ସାମାଜିକ ସ୍ଥିତିରେ କେବେ ବି ରହି ନାହାଁନ୍ତି। ଆମ ସମ୍ବିଧାନ ଏହି ଅସମାନତାକୁ ଦୂରକରିବା ପାଇଁ ଅନେକ କିଛି ନୀତି ନିର୍ଦ୍ଦେଶିକା ଦେଇଥିଲେ ମଧ୍ୟ ସରକାରମାନେ କ୍ଷମତାକୁ ଚୋଳି ଧରିବାର ପ୍ରବଣତା ଭିତରେ ଆମ ଭେଦଭାବପୂର୍ଣ୍ଣ ସମାଜକୁ ସୁଧାରିବା କାମଟି ସମ୍ପୂର୍ଣ୍ଣ ଭାବେ ଭୁଲିଯାଇଛନ୍ତି ବା କେବଳ ଉଚ୍ଚାରଣ ଭିତରେ ତାକୁ ସୀମିତ ରଖିଛନ୍ତି। ଶ୍ରମଜୀବୀ, ଜଙ୍ଗଲଜୀବୀ, ମତ୍ସଜୀବୀ ଏବଂ କ୍ଷେତ ମଜଦୂର ମହିଳାମାନେ ପରିବାର ଭିତରେ ଜୀବିକା ସଂଗ୍ରହ କରିବା ବା ରୋଜଗାର ଯୋଗାଡ଼ କରିବା କାମରେ ନିଜକୁ ସୀମିତ ରଖିନାହାନ୍ତି। ସେମାନେ ନିଜେ ଜାଳେଣୀ କାଠ ସଂଗ୍ରହ କରିବାଠାରୁ ପିଇବା ପାଣି ଯୋଗାଡ଼ କରିବାଯାଏଁ ପ୍ରାୟ ସବୁକାମ କରିଥାନ୍ତି। ୟୁନିସେଫ୍‌ର ଏକ ଆକଳନ ଅନୁଯାୟୀ ଶତକଡ଼ା ୮୦ଭାଗ ପରିବାରରେ ମହିଳାମାନେ ହିଁ ପିଇବା ପାଣି ସଂଗ୍ରହ କରିଥାନ୍ତି। ପାଣିର ଆଧାରଗୁଡ଼ିକ ଆମର ବିକାଶ ପଦ୍ଧତି ଭିତରେ ତଥା ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟାରେ ବିପନ୍ନ ହେଲେ ଏହି ମହିଳାମାନଙ୍କର ପରିଶ୍ରମର ପରିମାଣଟି ମଧ୍ୟ ସେହି ଅନୁପାତରେ ବଢ଼ିଯିବ। ଭାରତର ଜଳକଷ୍ଟ ଅଞ୍ଚଳରେ ମହିଳାମାନେ ମୁଣ୍ଡରେ ଗରାଧରି ମାଇଲ୍ ମାଇଲ୍ ରାସ୍ତା ଚାଲିକରି ପିଇବା ପାଣି ସଂଗ୍ରହ କରି ଆଣିବାର ଦୃଶ୍ୟ ଆମେ ବିଭିନ୍ନ ସମୟରେ ଗଣମାଧ୍ୟମ ସୌଜନ୍ୟରୁ ଦେଖିବାକୁ ପାଇଥାଉ ଏବଂ ଠିକ୍ ତାହାର ପରଦିନ ଭୁଲି ଯାଇଥାଉ ମଧ୍ୟ। ଏବେ ଏହି ମହିଳାମାନଙ୍କୁ ଅଧିକ ଚାଲିବାକୁ ପଡ଼ିବ। ଅଧିକ ବାଟ ଗଲାପରେ ପାଣିଯେ ନିଶ୍ଚିତ ଭାବେ ମିଳିବ, ଏହି କଥା ବି ଆଗକୁ କହିହେବ ନାହିଁ। ପିଇବା ପାଣି ଯେତେବେଳେ ଦୁର୍ବିସହ, ପରିମଳ କଥାକୁ ମହିଳା ମାନେ ଗୁରୁତ୍ୱ ଅବା ଦେଇପାରିବେ କେମିତି। ସେଥିପାଇଁ ଦୂଷିତ ଜଳ ବି ଯଥେଷ୍ଟ ମନେ ହେବ। ଏମିତିରେ ବି ବିଶ୍ୱସ୍ଵାସ୍ଥ୍ୟ ସଂଗଠନର ଏକ ଆକଳନ ମୁତାବକ ବିଶ୍ୱରେ ୨୦୦କୋଟି ଲୋକେ ଦୂଷିତ ବା ବିଶାକ୍ତଜଳ ପିଇବା ଓ ପରିମଳ ପାଇଁ ବ୍ୟବହାର କରିଥାନ୍ତି। ସେଥିପାଇଁ ରୋଗ ସଂକ୍ରମଣ ବିଶେଷ କରି ଝାଡ଼ାବାନ୍ତି, ଟାଇଫଏଡ୍, ହେପାଟାଇଟିସ୍ ଇତ୍ୟାଦି ରୋଗ ବୃଦ୍ଧି ଘଟିଥାଏ। ଏବେ ସେହି ସବୁର ସମ୍ଭାବନା ବହୁଗୁଣ ବଢ଼ିଯିବ। କେବଳ ସେତିକି ନୁହଁ, ଯେଉଁ ପାହାଡ଼ ଜଙ୍ଗଲଯୋଗୁଁ ବର୍ଷା ହେଉଛି, ଝରଣା ବୋହୁଛି ଏବଂ ନଦୀ ସୃଷ୍ଟି ହେଉଛି ସେହି ପାହାଡ଼ ଜଙ୍ଗଲ ଯେତେବେଳେ ବିକାଶ ନାଁରେ ଚାଲିଥିବା ବିନାଶ ଲୀଳା ଭିତରେ ସମାଧି ନେଉଛନ୍ତି, ସବୁଠାରୁ ବିପନ୍ନ ଅବସ୍ଥାକୁ ଚାଲିଆସିବେ ମହିଳାମାନେ। ସଂଯୁକ୍ତ ରାଷ୍ଟ୍ରର ଏକ ସଂସ୍ଥା ତରଫରୁ ଏବଂ ଡ଼ଃ ଏନ୍.ସି ସକ୍‌ସେନାଙ୍କ ଦ୍ଵାରା ପ୍ରଦତ୍ତ ଏକ ରିପୋର୍ଟ 'Women's Rights to Forest Spaces and Resources' ଅନୁଯାୟୀ ଭାରତର ପ୍ରାୟ ୧ଲକ୍ଷ ୭୦ହଜାର ଗ୍ରାମର ୧କୋଟି ୪୭ ଲକ୍ଷ ଲୋକେ ନିଜର ଜୀବିକା ପାଇଁ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ। ସେମାନଙ୍କ ଭିତରେ ସବୁଠାରୁ ଆଗରେ ଅଛନ୍ତି ମହିଳାମାନେ। କେବଳ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାପାଇଁ ନୁହଁ, ଏମିତିକି ନୀତିଦିନ ବ୍ୟବହାରରେ ଆସୁଥିବା ଜାଳେଣୀ କାଠପାଇଁ ମଧ୍ୟ ସେମାନଙ୍କୁ ଅନେକ ବାଟ ଯିବାକୁ ପଡ଼ିବ ଯଦି ଜଙ୍ଗଲ ସମ୍ପଦଟି ନଷ୍ଟ ହୋଇଯାଏ। ମହିଳାମାନଙ୍କର ଆଉ ଏକ ବଡ଼ ଦାୟିତ୍ୱ ରହିଆସିଛି ପଶୁପାଳନ। ବିନା ଜଙ୍ଗଲରେ

ପଶୁପାଳନ ବି ସମ୍ଭବ ହେବନାହିଁ କାରଣ ନିଜପାଇଁ ଖାଦ୍ୟ ଯୋଗାଡ଼ କରିବାର ସଂଘର୍ଷରେ ଥିବା ମହିଳାମାନେ ବଜାରକୁ ଯାଇ ନିଜ ପଶୁମାନଙ୍କ ପାଇଁ ଖାଦ୍ୟ କିଣିବା ସମ୍ଭବପର ହେବ ନାହିଁ। ବଞ୍ଚିବା ପାଇଁ ସଂଘର୍ଷ ଭିତରେ ଝିଅମାନଙ୍କ ପାଇଁ ପାଠ ପଢ଼ିବା ଏବେ ବି ଏକ ସ୍ୱପ୍ନ ହୋଇ ରହିଆସିଛି। ପ୍ରାକୃତିକ ସମ୍ପଦ ଉଜୁଡ଼ିଯିବା ପରେ ଝିଅ ପିଲାମାନେ ପାଠପଢ଼ି ଆଗକୁ ଯିବା ଏକ ଦୁଃସ୍ୱପ୍ନ ହୋଇ ରହିଯିବ। ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ଏମାନଙ୍କ ପ୍ରତି ଏକ ନିଷ୍ଠୁର ଉପହାସ ଭଳି ରହି ଆସିଛି। ଏବେ ଶିକ୍ଷାର ପହଞ୍ଚର ବାହରକୁ ଚାଲିଯିବା ପିଲାମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଯେତେବେଳେ ନୂଆ ବିପଦ ଆସିବ ଶିକ୍ଷା ଅନ୍ତତଃ ଏହି ପିଲାମାନଙ୍କ ପାଇଁ ବିଶେଷ କରି ଝିଅମାନଙ୍କ ପାଇଁ ତାହାର ପ୍ରାସଙ୍ଗିକତା ହରାଇ ବସିବ। ଯେତେବେଳେ ନାଁ ସରକାର, ନାଁ ସମାଜ ଏମାନଙ୍କର ବର୍ତ୍ତମାନର ସ୍ଥିତିକୁ ନେଇ ସମ୍ବେଦନଶୀଳ ହେବାର କୌଣସି ଦୃଷ୍ଟାନ୍ତ ଆମେ ଦେଖିପାରୁ ନାହୁଁ, ଆଗାମୀକାଲି ଯେ ଏମାନଙ୍କର ବିପନ୍ନ ସ୍ଥିତିରୁ ଏମାନଙ୍କୁ ଉଦ୍ଧାର କରିବା ପାଇଁ କୁହାଳିଆ ସମାଜ ବା କେବଳ ପ୍ରଚାର ପ୍ରସାରରେ କୋଟିକୋଟି ଟଙ୍କା ଖର୍ଚ୍ଚକରି ଅନ୍ୟପଟେ ପ୍ରାକୃତିକ ସଂଶାଧନ ଲୁଟ୍ କରିବାରେ ପୃଷ୍ଠପୋଷକ ସାଜିଥିବା ନିର୍ବାଚିତ ସରକାରମାନେ କିଛି କାମ କରିବେ; ଆଶା କରିବା ନିରର୍ଥକ ହେବ।

ଓଡ଼ିଶା ସମେତ ଖଣିଥିବା ରାଜ୍ୟମାନଙ୍କରେ ଖଣିଜ ରାଜସ୍ୱ ବଢ଼ିବଢ଼ି ଚାଲିଛି। ଯେତିକି ରାଜସ୍ୱ ବଢୁଛି ସେତିକି ଜଙ୍ଗଲ କମୁଛି, ନଦୀ ସୁଖୁଛି, ଜଳଭଣ୍ଡାର ଶିଳ୍ପପାଇଁ ବ୍ୟବହାର ହେଉଛି ଏବଂ ଲକ୍ଷଲକ୍ଷ ଲୋକଙ୍କର ଜୀବନ ଜୀବିକା ବି ବିପନ୍ନ ହେଉଚି। ଯେତେବେଳେ ଲାଭ ଏବଂ ଅଧିକ ଲାଭ କରିବାର ରୁଗ୍ଣ ମାନସିକତା ସରକାର ଚଳାଉଥିବା ଲୋକ ଓ ଶାସକଶ୍ରେଣୀକୁ କବଳିତ କରିରଖିଛି, ସେତେବେଳେ ଜଙ୍ଗଲଜୀବୀ ମହିଳାଙ୍କ ସ୍ଥିତି ପରିଖିବା ପାଇଁ ମାନସିକତା ବା ଆସିବ କେମିତି। ୨୦୦୦-୨୦୦୧ ମସିହାରେ ଓଡ଼ିଶାର ଖଣିଜ ରାଜସ୍ୱ ପ୍ରାୟ ୩ଶହ ୬୦କୋଟି ଟଙ୍କା ଥିଲା। ସେତେବେଳେ ଏହା ବଜେଟ୍‌ର ଅଣଟିକସ ବାବଦ ଆୟର ଶତକଡ଼ା ୫୨ଭାଗ ଥିଲା। ୨୦୨୩-୨୦୨୪ରେ ଏହି ଆୟ ଶହଶହ କୋଟିରେ ନୁହଁ ବରଂ ହଜାର ହଜାର କୋଟିରେ ବୃଦ୍ଧି ପାଇ ୪୬ହଜାର କୋଟିରେ ପହଞ୍ଚିଛି। ଏବେ ଏହି ପରିମାଣଟି ଆହୁରି ବଢ଼ିଯାଇଛି। ଅଥଚ ଗତ ୨୪-୨୫ ବର୍ଷଭିତରେ କେତେ ପାହାଡ଼, କେତେ ଜଙ୍ଗଲ, କେତେ ନଦୀ, କେତେ ଝରଣା, କେତେ ଜୀବଜନ୍ତୁ, କେତେ ମଣିଷ ବିଶେଷ କରି କେତେ ମହିଳା ଶୋଚନୀୟ ଅବସ୍ଥାକୁ ଆସି ଯାଇଛନ୍ତି ତାହାର ହିସାବ ସରକାରଙ୍କ ପାଖରେ ନାହିଁ, ସମାଜ ପାଖରେ ମଧ୍ୟ ନାହିଁ। ଦ୍ରୁତ ଶିଳ୍ପାୟନର ନିଷ୍ଠୁର ପରିଣତି ହିସାବରେ ଜଳବାୟୁ ପରିବର୍ତ୍ତନ ଯେ ପ୍ରମୁଖ ସ୍ଥାନରେ ରହିଛି ତାହା ବୁଝିବା ବା ସ୍ୱୀକାର କରିବା ସ୍ଥିତିରେ ମଧ୍ୟବିତ୍ତ ଶ୍ରେଣୀ ବା ସରକାର କେହି ବି ପ୍ରସ୍ତୁତ ନାହାଁନ୍ତି। କେବଳ ଜଙ୍ଗଲ କାହିଁକି ଚାଷଜମି ବି ନଷ୍ଟ ହୋଇ ଚାଲିଛି ବା ଅଣଚାଷ କାମରେ ବ୍ୟବହୃତ ହୋଇଚାଲିଛି। ଏମିତିରେ ତ ଖାଦ୍ୟ ଉତ୍ପାଦନରେ ମହିଳାମାନଙ୍କ ଭୂମିକା ଅଧିକ ଦେଖାଯାଇଥାଏ। ଯଦି ଜଙ୍ଗଲ ଉଜୁଡ଼ିଯିବ, ଚାଷଜମି ରହିବ ନାହିଁ ଏବଂ ଯାହା ବି ଅଛି ସେଥିରେ ଫସଲ ଫଳିବ ନାହିଁ ତେବେ ଏମାନଙ୍କର ଖାଦ୍ୟ ନିରାପତ୍ତା ମଧ୍ୟ ବିପନ୍ନ ହେବ। ସଂଯୁକ୍ତ ରାଷ୍ଟ୍ରର ବିଭିନ୍ନ ସଂସ୍ଥାରେ ମଧ୍ୟ ଏହି କଥାଟିକୁ ସ୍ୱୀକାର କରାଯାଇଛି କିନ୍ତୁ ବଜାର ଶକ୍ତିମାନଙ୍କ ଦ୍ୱାରା ପରିଚାଳିତ ରାଷ୍ଟ୍ରମାନେ ସଂଯୁକ୍ତ ରାଷ୍ଟ୍ରର କଥାକୁ ମାନିବାପାଇଁ ପ୍ରସ୍ତୁତ ନୁହଁ। ଯେହେତୁ ଦେଶୀୟ ସରକାରମାନେ ଦେଶୀ ବିଦେଶୀ କମ୍ପାନୀମାନଙ୍କର ହାତ ପାପୁଲିରେ କ୍ରୀଡ଼ନକ ସାଜିଛନ୍ତି, ଯେଉଁ ବିକାଶର ଢାଞ୍ଚା ଏକ ବୈଷମ୍ୟ ଓ ଅସମାନତା ଭରା ସମାଜଉପରେ ଲଦି ଦିଆଯାଇଛି ତାହା ଆଗାମୀ ଦିନରେ ଅଧିକରୁ ଅଧିକ ତୀବ୍ର ରୂପ ନେବ। ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପମାନ ବୃଦ୍ଧି ଆମ ନିୟନ୍ତ୍ରଣ ବାହାରକୁ ଚାଲିଯିବ। ବଞ୍ଚିଯିବା ପାଇଁ ଲୋକେ ଯେକୌଣସି ଉପାୟ ଅବଲମ୍ବନ କରିବା ବା ଦେଶ ଭିତରେ ହେଉ ବା ବାହାରକୁ ହେଉ ଚାଲିଯିବା ପାଇଁ ବାଧ୍ୟହେବେ। ଏହି ସମଗ୍ର ପ୍ରକ୍ରିୟାରେ ମହିଳାମାନେ ସାଙ୍ଘାତିକ ପରିସ୍ଥିତିର ସାମ୍ନା କରିବେ। ମହିଳାମାନଙ୍କ ଉପରେ ହିଂସା ବି ବଢ଼ିଚାଲିବ ଏବଂ ଏହାର ପ୍ରତିକାର ପାଇଁ ହେଉ ବା ସୁରକ୍ଷା ପାଇଁ କିଛି ଫଳପ୍ରଦ ପଦକ୍ଷେପ ନେବା କ୍ଷେତ୍ରରେ ରାଷ୍ଟ୍ରର ଆନ୍ତରିକତା ଦେଖାଯିବ ନାହିଁ। ଜଳବାୟୁ ପରିବର୍ତ୍ତନ ଯେଉଁ ଭୟଙ୍କର ଅସହାୟତା ଭିତରକୁ ଦୁର୍ବଳ ମଣିଷମାନଙ୍କୁ ଠେଲି ଦେବ ସେମାନଙ୍କ ଭିତରେ ଶିଶୁ ଓ ମହିଳାମାନଙ୍କର ସଂଖ୍ୟା ସର୍ବାଧିକ ରହିବ।

ପୁଲାଙ୍ଗ/ଡ଼. ବିଦ୍ୟୁତ୍ ମହାନ୍ତିଙ୍କ ପ୍ରେରଣାରେ ଏହି ସ୍ୱତନ୍ତ୍ର ସଂଖ୍ୟାଟି ପ୍ରକାଶିତ ହେଉଛି। କିଛି ସ୍ୱତନ୍ତ୍ର ଆଲେଖ୍ୟ ଆମକୁ ଦେବାପାଇଁ ଆମେ ଯେଉଁମାନଙ୍କୁ ଅନୁରୋଧ କରିଥିଲୁ ଆମେ ସେମାନଙ୍କ ପାଖରେ କୃତଜ୍ଞ। ନିଜର ଦୃଷ୍ଟିଭଙ୍ଗୀ ଓ ବୁଝାମଣାକୁ ଭିତ୍ତିକରି ସେମାନେ ଲେଖାଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ଆମେ ଆଶା କରିବୁ ଆମ ପାଠକମାନେ ଲେଖାଗୁଡ଼ିକୁ ଆଦର କରିବେ ଏବଂ ଭବିଷ୍ୟତରେ ଆଲୋଚନାରେ ଭାଗନେବେ। ଏଠି କେବଳ ଏତିକି କହିବା ଉଚିତ୍ ହେବ ଯେ ଓଡ଼ିଶା ମାଟିରେ ଚାଲିଥିବା ଜନଆନ୍ଦୋଳନଗୁଡ଼ିକରେ ନିଜର ସବୁକିଛି ତ୍ୟାଗକରି ଯେଉଁ ମହିଳାମାନେ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ନିରନ୍ତର ପ୍ରୟାସ ଜାରିରଖିଛନ୍ତି, ସେମାନେ ବିଶ୍ୱସ୍ତରରେ ଚର୍ଚ୍ଚିତ ଜଳବାୟୁ ଯୋଦ୍ଧାମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି।

# ଗଣତନ୍ତ୍ର ଆଉ ଗଣଙ୍କ ହାତରେ ନାହିଁ

ଆମକୁ ପଢ଼ାଇ ଦିଆଯାଇଥାଏ ଯେ ଗଣତନ୍ତ୍ର ଗଣଙ୍କ ପାଇଁ ଏକ ଶ୍ରେଷ୍ଠ ବିକଳ୍ପ: ଯେହେତୁ ଗଣମାନେ ନିଜର, ନିଜ ପାଇଁ ଓ ନିଜଦ୍ୱାରା ଏହାର ପ୍ରତିଷ୍ଠା କରନ୍ତି ଏବଂ ସରକାର ଚଳାଇବା ପାଇଁ ଲୋକମାନଙ୍କୁ ପ୍ରତିନିଧି ରୂପେ ନିଜେ ବାଛନ୍ତି। ଗତ ତିନି ଦଶନ୍ଧିର ବିଶ୍ୱ ରାଜନୀତି ଓ ଅର୍ଥନୀତିର ଚିତ୍ରପଟଟି ଦେଖିଲେ ଲାଗିବ ନାହିଁ ଯେ ଗଣତନ୍ତ୍ର କେଉଁଠି ବି ଆଉ ଗଣଙ୍କର ପହଞ୍ଚ ଭିତରେ ରହିଛି। ଆଗରୁ ବି କୁହାଯାଇଛି ଯେ ନିଜର ଲୋକପ୍ରତିନିଧି ବାଛିବା କାମଟି ଆଉ ଲୋକଙ୍କ ହାତରେ ନାହିଁ। ନିର୍ବାଚନଟି ଟଙ୍କାର ଖେଳ ହୋଇସାରିଛି। ଏହି ଟଙ୍କାର ଖେଳରେ ଭୋଟଦାତାମାନଙ୍କର କିଛି ଭୂମିକା ନାହିଁ। ଆମେରିକା ହେଉ ବା ଭାରତ; ସବୁଠି ଏକା ପ୍ରକାର ସ୍ଥିତି ଦେଖିବାକୁ ମିଳୁଛି। ୨୦୨୪ର ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଗଣମାଧ୍ୟମ ଆକଳନ ଅନୁଯାୟୀ (ଯେଉଁଥିରେ ସେମାନେ ନିଜେ ପାଇଥିବା ଟଙ୍କାକୁ ହିସାବକୁ ନିଆଯାଇ ନାହିଁ) ପ୍ରାୟ ୧ଲକ୍ଷ ୩୦ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ତାହା ପୂର୍ବରୁ ଭାରତରେ ହୋଇଥିବା ସାଧାରଣ ନିର୍ବାଚନରେ ଯେଉଁ ପରିମାଣର ଖର୍ଚ୍ଚ ହୋଇଥିଲା ତୁଳନା କଲେ ଆମେରିକୀୟ ରାଷ୍ଟ୍ରପତି ନିର୍ବାଚନର ଖର୍ଚ୍ଚ କମ୍ ଜଣାପଡ଼ିବ। ଇଣ୍ଡିଆଟୁଡ଼େର ମେ ୩୧,୨୦୨୪ର ତଥ୍ୟ ମୁତାବକ ଭାରତର ସାଧାରଣ ନିର୍ବାଚନରେ ପ୍ରାୟ ୧ଲକ୍ଷ ୩୫ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିବ। ଏମିତିରେ ବି ଆଇନ୍ ଅନୁଯାୟୀ ଜଣେ ଏମ୍.ପି ପ୍ରାର୍ଥୀ ନିଜ ନିର୍ବାଚନରେ ୯୫ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବ। ତେବେ ବର୍ଷତମାମ ଗଣମାନଙ୍କ ସାଙ୍ଗରେ ରହି ସେମାନଙ୍କ ପ୍ରସଙ୍ଗଗୁଡ଼ିକୁ ନେଇ ସଂଗ୍ରାମ କରୁଥିବା ରାଜନେତାମାନେ ନିଜର ସମର୍ଥକ ମାନଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ଯେତେବେଳେ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଆନ୍ତି ସେମାନଙ୍କୁ ଧାର ଉଧାର କରି ବା ନିଜ ସମର୍ଥକ ବା ଶୁଭେଚ୍ଛୁମାନଙ୍କ ପାଖରୁ ଚାନ୍ଦା ସଂଗ୍ରହ କରି ପ୍ରାର୍ଥିପତ୍ର ଦାଖଲବେଳେ ଆବଶ୍ୟକ ହେଉଥିବା 'ଅମାନତ' ଟଙ୍କା ପଇଠ କରିଥାନ୍ତି। ଟଙ୍କା ଖର୍ଚ୍ଚକରି ନିର୍ବାଚନ ଲଢ଼ିବା ସେମାନଙ୍କ ପାଇଁ କେବେ ବି ସମ୍ଭବ ହୋଇନଥାଏ, ୯୫ଲକ୍ଷ ଟଙ୍କା ତ ଦୂରର କଥା। ନିର୍ବାଚନରେ ଖର୍ଚ୍ଚ ହେଉଥିବା ଟଙ୍କା ସ୍ପଷ୍ଟଭାବେ ଜଣା ପଡ଼ିଥାଏ ଯେ କେବେବି ଜନଗଣଙ୍କ ପାଖରୁ ଆସିନଥାଏ: ଆମେରିକାରେ ହେଉ ବା ଭାରତରେ। ଏତେ ବ୍ୟୟବହୁଳ ନିର୍ବାଚନ କେବଳ କମ୍ପାନୀମାନଙ୍କ ଅର୍ଥବଳରେ ହିଁ ଲଢ଼ା ଯାଇଥାଏ। ସେମାନଙ୍କ ଅର୍ଥରେ ନିର୍ବାଚିତ ହୋଇ ସରକାର ଗଢୁଥିବା ଲୋକମାନେ କେବଳ ସେମାନଙ୍କର କ୍ରୀଡ଼ନକ ହୋଇ କାମ କରିବା ପାଇଁ ବନ୍ଧା ପଡ଼ିଥାନ୍ତି। ଏଠି ନା ଗଣତନ୍ତ୍ର ନା ଗଣମାନେ କେହି ବି ପ୍ରାଥମିକତା ତାଲିକାରେ ରହିପାରନ୍ତି ନାହିଁ। ଯେଉଁ କେତେଜଣ ଅର୍ଥ ଦିଅନ୍ତି ସେମାନଙ୍କ ହିତରେ ହିଁ ସରକାର କାମ କରିବେ। ଭାରତରେ କଥା କଥାରେ ଆମେ ସମ୍ବିଧାନ କଥା କହୁ କିନ୍ତୁ ସମ୍ବିଧାନ ଗଣତନ୍ତ୍ର ନିଜ ସ୍ଥାନରେ ଅଛନ୍ତି। ଭାରତରେ ଏବେ ଗୌତମ ଆଦାନୀଙ୍କ ଭଳି ଲୋକମାନେ ହିଁ ମୁକୁଟବିହୀନ ସମ୍ରାଟ ଭଳି କାମ କରୁଛନ୍ତି। ସେହିଭଳି ଆମେରିକା ବି ଯାହା ଅନେକ ଦିନରୁ କର୍ପୋରେଟ ତନ୍ତ୍ରରେ ରହି ଆସିଛି ଏବେ କେତୋଟି ପୁଞ୍ଜି ଗୋଷ୍ଠିଙ୍କ ନିୟନ୍ତ୍ରଣରୁ ବାହାରି ଗୋଟିଏ ଗୋଟିଏ ମୁକୁଟବିହୀନ ସମ୍ରାଟଙ୍କ ହାତମୁଠାକୁ ଆସିଯାଇଛି। ଗୌତମ ଆଦାନୀ ମୋଦୀଙ୍କ ଭାରତ ପାଇଁ ଯେମିତି; ଏଲନ୍ ମସ୍କ ଆମେରିକାର ଡ଼ୋନାଲ୍ଡ ଟ୍ରମ୍ପଙ୍କ ପାଇଁ ସେମିତି। ସେ ଏବେ ଆମେରିକାର ରାଷ୍ଟ୍ରପତିଙ୍କ କ୍ୟାବିନେଟ୍‌ର ପ୍ରଭାବଶାଳୀ ସଦସ୍ୟ। ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀମାନେ ଧନତନ୍ତ୍ରର ପ୍ରତିନିଧି ସାଜିଥିବାବେଳେ ସେମାନଙ୍କ ପାଖରେ କୌଣସି ରାଜନୈତିକ/ ଅର୍ଥନୈତିକ ଦର୍ଶନ ବା ଦୃଷ୍ଟିଭଙ୍ଗୀ ରହିବାର ଆବଶ୍ୟକତା ନଥାଏ। ସେମାନେ ଧନତନ୍ତ୍ରକୁ ମଜବୁତ କରିବା କାମଟିକୁ କରିଥାନ୍ତି। କୂଟନୀତି ମଧ୍ୟ ସେଥିପାଇଁ ବେଶ୍ ବଳିଷ୍ଠ ଭାବେ ବ୍ୟବହୃତ ହୁଏ। ହୁଏତ 'କୂଟନୀତି' ବି ତାହାର ମର୍ଯ୍ୟାଦା ହରାଇ ସାରିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଜ ଶପଥଗ୍ରହଣ ସମାରୋହକୁ ଆମନ୍ତ୍ରଣ ନକରିବା ଏବଂ ଯେନତେନ ପ୍ରକାରେ ମୋଦୀ ଆମେରିକା ଗସ୍ତ କଲାବେଳେ ତାଙ୍କୁ ଉପଯୁକ୍ତ ସମ୍ମାନ ନଦେଇ କେବଳ ତାଙ୍କ ସହ ସୌଦା କରିବାରେ କୂଟନୀତିକୁ ସୀମିତ ରଖିବାର ଉଦାହରଣ ଆମେ ନିକଟରେ ଦେଖିଛୁ। ଏମିତିକି ଟ୍ରମ୍ପ-ମୋଦୀଙ୍କ ସଉଦା ଚାଲିଥିବାବେଳେ ଥରେ ଫେବୃଆରୀ ୧୬ରେ ହାତଗୋଡ଼ ବାନ୍ଧି କିଛି ପ୍ରବାସୀ ଭାରତୀୟଙ୍କୁ ସାମରିକ ବିମାନଯୋଗେ ଭାରତରେ ଛାଡ଼ି ଦିଆଯାଇଥିଲା। ସେହିଭଳି ପୁଣିଥରେ ଫେବୃଆରୀ ୧୯ରେ ଆଉକିଛି ପ୍ରବାସୀ ଭାରତୀୟଙ୍କୁ ବଳପୂର୍ବକ ଭାରତରେ ଛାଡ଼ି ଦିଆଯାଇଥିଲା। ସେଥିପାଇଁ ମୋଦୀଙ୍କ ଆମେରିକା ଗସ୍ତଟି ୧୪୪କୋଟିରୁ ଅଧିକ ଭାରତୀୟଙ୍କ ସମ୍ମାନ ସହ ଏହା ଏକ ସାଲିସ୍ ଥିଲାବୋଲି ସମାଲୋଚନା ହୁଏ। ଏହି କଥା ମଧ୍ୟ କୁହାଯାଏ ଯେ ଟ୍ରମ୍ପଙ୍କର ସବୁକଥାକୁ ଗ୍ରହଣ କରି ମୋଦୀ ଭାରତ ଫେରି ଆସିଥିଲେ। ପରେ ନିର୍ବାଚନରେ ମତଦାନକୁ ବଢ଼ାଇବା ପାଇଁ ଆମେରିକା ଭାରତକୁ ଅର୍ଥ ସାହାଯ୍ୟ କରିବାର କଥାକୁ ନେଇ ଗୋଟିଏ ବିତର୍କ ଆରମ୍ଭ ହୋଇଛି।

ତେବେ ଭିନ୍ନ ଏକ ଉଦାହରଣ ଦେଖିବାକୁ ମିଳିଛି ଯୁଦ୍ଧ ଜର୍ଜରିତ ୟୁକ୍ରେନ୍‌ର ରାଷ୍ଟ୍ରପତି ଜେଲିନେସ୍କିଙ୍କ ଆମେରିକା ଗସ୍ତବେଳେ। ଫେବୃଆରୀ ୨୮ଦିନ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ସାକ୍ଷାତ୍‌ବେଳେ ଟ୍ରମ୍ପ ଓ ତାଙ୍କ ଉପରାଷ୍ଟ୍ରପତି ଜେ.ଡ଼ି ଭାନ୍ସ ଗଣମାଧ୍ୟମ ସାମ୍ନାରେ ତାଙ୍କର ଅସମ୍ମାନ କରିଥିଲେ, ଜେଲିନେସ୍କି ସେଥିରେ ଦବିନଯାଇ ବିନମ୍ର ଭାବେ ଠିକଣା ଜବାବ ରଖିଥିଲେ। ଋଷର ଆକ୍ରମଣରେ ବିଧ୍ୱସ୍ତ ୟୁକ୍ରେନ୍

ପାଇଁ ଆମେରିକାର ସହଯୋଗ ନିହାତି ଜରୁରୀ ମନେକରି ସେ ଯେଉଁ ଆମେରିକା ଗସ୍ତ କରିଥିଲେ; ତାଙ୍କୁ ରାଷ୍ଟ୍ରପତି ଟ୍ରମ୍ପ୍ ୟୁକ୍ରେନ୍‌ରେ ଥିବା ଖଣିଜସମ୍ପଦକୁ ଆମେରିକାର ବିନିଯୋଗ ନିମନ୍ତେ ଉନ୍ମୁକ୍ତ କରିବା ପାଇଁ ଚାପ ପକାଇଥିଲେ। ସେହି ଚାପକୁ ଜେଲିନେସ୍କି ପ୍ରତ୍ୟାଖାନ କରିବା ଯୋଗୁଁ ପରିସ୍ଥିତି ଖରାପ ହୋଇଥିଲା ଏବଂ ଗଣମାଧ୍ୟମ ସାମ୍ନାରେ କଥା କଟାକଟି ଚାଲିଲା। ଏହାର ଭିଡ଼ିଓ ସମଗ୍ର ବିଶ୍ୱରେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଆମେରିକା ସବୁବେଳେ ସହଯୋଗ ନାଁରେ ଦୁର୍ବଳ ସ୍ଥିତିରେ ଥିବା ଦେଶମାନଙ୍କ ସହ ସଉଦା କରିଆସିଛି। ସେହିଦିନ ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ଟ୍ରମ୍ପ୍ ଔଦ୍ଧତ୍ୟପୂର୍ଣ୍ଣ ଭାଷାରେ କହୁଥିଲେଯେ ସେ ତାଙ୍କର ରାଷ୍ଟ୍ରକୁ ୩୫୦ବିଲିୟନ ଡ଼ଲାର ବା ୩୫ହଜାର କୋଟି ଡ଼ଲାର ଦେବ(ଗୋଟିଏ ଡ଼ଲାରର ମୂଲ୍ୟ ୮୬ଟଙ୍କା)। ଗଣମାଧ୍ୟମ ହିସାବରୁ ଜଣାପଡ଼େଯେ ସେଥିରୁ ୧୮୦ ବିଲିୟନ ଡଲାର ଆମେରିକା ୟୁକ୍ରେନ୍‌କୁ ସହଯୋଗ କରିବା ନାଁରେ ନିଜର ସାମରିକ ଶିଳ୍ପକୁ ଦେଇଛି। ଆଜି ଆମେ ଏଭଳି ଏକ ସମୟରେ ପହଞ୍ଚିଛନ୍ତି ଯେଉଁଠି ଆଉ ଶକ୍ତିଶାଳୀ ଦେଶମାନେ ଦୁର୍ବଳ ଦେଶମାନଙ୍କ ସହ ପରଦା ପଛପଟେ ସଉଦା କରିବାର ଆବଶ୍ୟକତା ପଡୁନି। ଏମାନେ ସିଧାସଳଖ ଟିଭି କ୍ୟାମେରା ସାମ୍ନାକୁ ଆସି ଯାଉଛନ୍ତି। ଏହା ଗଣତନ୍ତ୍ର ନୁହଁ ବରଂ ଧନତନ୍ତ୍ର ଯୋଗୁଁ ସମ୍ଭବ ହୋଇପାରୁଛି। ଭାରତରେ ମଧ୍ୟ ନିର୍ବାଚନରେ ପାଣ୍ଠି ଯୋଗାଉଥିବା କମ୍ପାନୀମାନଙ୍କୁ ଶାସକଦଳ ନେହେରୁଙ୍କ ସମୟରୁ ସୃଷ୍ଟି ହୋଇଥିବା ରାଷ୍ଟ୍ରୀୟ ସମ୍ପତ୍ତିଗୁଡ଼ିକୁ ଦେଇ ଚାଲିଛନ୍ତି। ପୂର୍ବରୁ ହିସାବ ଦିଆଯାଇଛି କେମିତି ଗୋଟିଏ ଗୋଟିଏ ସାମୁଦ୍ରିକ ବନ୍ଦର ଓ ବିମାନବନ୍ଦର ଗୌତମ ଆଦାନୀଙ୍କ ହାତକୁ ଚାଲିଯାଉଛି। ଏହି ତାଲିକା ଭିତରକୁ ଭୁବନେଶ୍ୱର ବିମାନବନ୍ଦର ଆସିଯିବାର ସୂଚନା ମିଳୁଛି।

ଦେଶର ଆଭ୍ୟନ୍ତରଣ ଗଣତନ୍ତ୍ର ହେଉ ବା ବୈଦେଶିକ କୂଟନୀତି ହେଉ ଏବଂ ଦେଶଟା ଆମେରିକା ହେଉ ବା ଭାରତ, କୌଣସି କ୍ଷେତ୍ରରେ ଗଣତନ୍ତ୍ରର ଛାପ ଆଉ ଦେଖିବାକୁ ମିଳୁନାହିଁ। ଏଭଳି ଏକ ସମୟରେ ଗଣତନ୍ତ୍ରକୁ କିଭଳି ଧନତନ୍ତ୍ର ବା କମ୍ପାନୀମାନଙ୍କ ପାଖରୁ ମୁକ୍ତ କରିଆଣି ଜନଗଣଙ୍କ ହାତରେ ସଂସ୍ଥାପିତ କରାଯିବ ତାହା ଆମପାଇଁ ସବୁଠାରୁ ବଡ଼ ଆହ୍ୱାନ। ଆଉ କିଛି କରିହେବ ନାହିଁ କହି ଘରେ ବସିଯିବା ସବୁଠାରୁ ସହଜ। ଯଦି ଆମେ ସାଂସାରିକ ଜୀବନ ଭିତରେ ଅଛନ୍ତି ତାହା ହେଲେ ଅନ୍ତତଃ ନିଜପିଲା ଓ ସେମାନଙ୍କ ପିଲାମାନେ କେମିତି ମୁକ୍ତଭାବେ ଭଲରେ ବଞ୍ଚିବେ ସେଥିପାଇଁ ଆମେ ଟିକିଏ ଚିନ୍ତା କରିବା ଦରକାର।